ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୪ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ହାତୀ ନଷ୍ଟକଲେ ୫ ଏକର ଜମିର ଫସଲ

**ଶେରଗଡ,୩।୨(ଡି.ଏନ.ଏ.):** ଶେରଗଡ଼ ବ୍ଲକ ବଳିଆରସିଂହପୁର ଗ୍ରାମରେ ସୋମବାର ଭୋର୍‌ରେ ହାତୀପଲ ପଶି ପ୍ରାୟ ୫ ଏକର ଜମିର ପରିବା ଫସଲ ନଷ୍ଟ କରିଦେଇଛନ୍ତି। ଅଲାରିଗଡ଼ ଲଣ୍ଡା ପାହାଡରେ ଥିବା ୯ ହାତୀ ବଳିଆରସିଂହପୁର ଦେଇ ଗୋବିନ୍ଦପୁର ଗ୍ରାମ ଅଭିମୁଖେ ଯାଉଥିଲେ। ବଳିଆରସିଂହପୁରରେ ବିଷ୍ଣୁଚରଣ ପ୍ରହରାଜଙ୍କ ଜମିରେ ଲାଗିଥିବା ଟମାଟ, ମାଣ୍ଡିଆ, ଫୁଲକୋବି, ମୁଗ ଆଦି ଖାଇବାସହ ଦଳି ଦେଇଥିଲେ। ଫସଲ ଲକ୍ଷାଧିକ ଟଙ୍କାର ହେବ ବୋଲି ଗ୍ରାମବାସୀ କହିଛନ୍ତି। ଚାଷୀ ପ୍ରହରାଜ ଋଣ କରି ପରିବା ଚାଷ କରିଥିଲେ, ଏହା ନଷ୍ଟ ହୋଇଥିବାରୁ କେମିତି ଋଣ ଶୁଝିବି ବୋଲି ସେ କହିଛନ୍ତି। ତେବେ ଚାଷୀଙ୍କୁ ସହାୟତା କରିବାକୁ ଦାବି ହେଉଛି। ବ୍ରହ୍ମପୁର ବନ ବିଭାଗକୁ ଖବର ଦିଆଯାଇଥିଲେ ମଧ କୌଣସି କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରିନାହାନ୍ତି।

### ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଆର.ଉଦୟଗିରି,୩।୨(ଡି.ଏନ.ଏ.):** ଆର.ଉଦୟଗିରି ବ୍ଲକର କେ.ଏମ୍. ଭାଲିସାହି ଗ୍ରାମର ସରକାରୀ ଉଚ୍ଚବିଦ୍ୟାଳୟଠାରେ ୭ମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍‌ର ୩ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିର ଉଦ୍‌ଘାଟନରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଜିଲାପରିଷଦ ସଭ୍ୟ ଯାକବ ମାଝୀ, ମୁଖ୍ୟବକ୍ତା ଭାବେ ରାୟଗଡ଼ା ଜିଲା ରାମନାଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ ମଳିକ, ଛେଲିଗଡ ସମିତିସଭ୍ୟ ରାମଚନ୍ଦ୍ରରଣସିଂ ନାୟକ, ମହେନ୍ଦ୍ରଗଡ ସରପଞ୍ଚ ବୀର ଭାସ୍କର ପାଇକ, ସମ୍ବଳ ସାଧକ ଅଧିକାରୀ ରୂପେ ନରହରି ପ୍ରଧାନ, ରାଜ୍ୟ ପର୍ଯ୍ୟବେକ୍ଷକ ଗୁରୁଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀରେ ଜିଲା ଶିକ୍ଷାଧିକାରି ପ୍ରଦୀପ କୁମାର ବାଗ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ନରହରୀ ପ୍ରଧାନ ଯୋଗ ଦେଇଥିଲେ। ଶିବିରରେ ୧୯୫ ଜୁନିୟର, ୧୦୦ ଶିକ୍ଷକ ଓ ୯୯ଟି ବିଦ୍ୟାଳୟ ଯୋଗ ଦେଇଥିଲେ। ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ କାଉନ୍‌ସିଲର ଭାବେ ପ୍ରହ୍ଲାଦ ସିହଳ (ଶିକ୍ଷକ), ଶ୍ରେଷ୍ଠ ଜୁନିୟର (ବାଳକ) ୧୦ମ ଶ୍ରେଣୀର ଜଗବନ୍ଧୁ ନାୟକ, ଶ୍ରେଷ୍ଠ ଜୁନିୟର ବାଳିକା ୯ମ ଶ୍ରେଣୀର ଜନନୀ ପୁଜାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଭାସ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ବିଶୋୟୀ ଓ ସଂଜୀବ କୁମାର ଦାଶ ଏହାକୁ ପରିଚାଳନା କରିଥିଲେ।

# ‘ଆଜିର ପିଢ଼ି ଆଗାମୀଙ୍କ ପାଇଁ ପ୍ରେରଣାର ଉତ୍ସ ହୁଅନ୍ତୁ’

**ଫୁଲବାଣୀ ଅଫିସ, ୩।୨**

କଳା, ସଂସ୍କୃତି, ଐତିହ୍ୟର ପରମ୍ପରାକୁ ନେଇ ଆମ ରାଜ୍ୟ ସ୍ୱତନ୍ତ୍ର । ଉତ୍ସବ ସମସ୍ତଙ୍କୁ ଏକାଠି ବାନ୍ଧି ରଖେ । ମନକୁ ଉଲ୍ଲସିତ କରେ । ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଯୁବ ସମାଜର ପ୍ରୟାସ ଲୋଡ଼ା । ଯୁବ ସମାଜ ସବୁ ବେଳେ ରୋଲ ମଡେଲ । ବିଗତ ଦିନରେ ଯାହା ବି ହୋଇଛି ବା ଯେଉଁମାନେ ଆମ ଆଦର୍ଶ, ସେମାନେ ଯୁବକ ଅବସ୍ଥାରୁ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିଥିଲେ। ଆମେ ଆଜି ସେମାନଙ୍କ ଆଦର୍ଶକୁ ନେଇ ଆଗଉଛେ । ତେଣୁ ଆଜିର ଯୁବ ପିଢ଼ି ଆଗାମୀ ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୁଅନ୍ତୁ ବୋଲି କନ୍ଧମାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡା, ଯୁବ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ସେହିପରି ଇସ୍ପାତ, ଖଣି ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ଉପରେ ତାଙ୍କ ବକ୍ତବ୍ୟ ରଖିଥିଲେ । ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଉପସ୍ଥିତ ଥିଲେ ।


ଖୋର୍ଦ୍ଧାର କଳାକାରଙ୍କୁ ମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରୁଛନ୍ତି।

ଦ୍ୱିତୀୟ ଦିନରେ ଅତିଥିମାନେ ଠିକ୍ ସମୟରେ ଆସି ନ ଥିବାରୁ ସଭା କାର୍ଯ୍ୟ ହୋଇ ନ ଥିଲା । ମନ୍ତ୍ରୀମାନେ ଭିନ୍ନ ସମୟରେ ଆସି ନିଜର ଅଭିଭାଷଣ ଦେଇଥିଲେ। ଏହି ଅବସରରେ ସେମାନେ କିଛି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆଇଏଏସ୍ ପ୍ରୋବେସନର ଡା.ଶୁଭଙ୍କର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ

**କନ୍ଧମାଳ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

କାର୍ଯ୍ୟକ୍ରମ ମଧ୍ୟରେ ଖୋର୍ଦ୍ଧାର ପାଇକ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସେହିପରି ପୁରୁଲିଆ ଛଉ, କୋରାପୁଟର ଓ ରାୟଗଡ଼ାର ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପ୍ରଥମ ଦିନ ପରି ବିଭିନ୍ନ ଷ୍ଟଲରେ ପ୍ରବଳ ଜନଗହଳି ଲାଗି ରହିଛି । ବ୍ୟବସାୟୀ, ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକ ଭଲ ବ୍ୟବସାୟ କରୁଛନ୍ତି।

### ଟେକ୍‌ନିକାଲ ହାଇସ୍କୁଲ ବାର୍ଷିକୋତ୍ସବ

**ଆସିକା, ୩।୨ (ଡି.ଏନ୍.ଏ.):** ଆସିକା କଲେଜ ଛକସ୍ଥିତ ଟେକନିକାଲ ହାଇସ୍କୁଲର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲୋକନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରୂପେ ସରପଞ୍ଚ ଅରବିନ୍ଦ ଲେଙ୍କା ଓ ସାମାଜିକ କର୍ମୀ ବଂଶୀଧର ନାହାକ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅବସର ପ୍ରାପ୍ତ ଶିକ୍ଷକ ମୁରଲୀ ବେହେରା ଓ ଶରତ ଚନ୍ଦ୍ର ଖାଡଙ୍ଗାଙ୍କୁ ସମ୍ମାନିତ କରାଯାଇଥିଲା । ନାରାୟଣ ମହାପାତ୍ର, କୈଳାସ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପାଟ୍ରୋଲିଂ ଭ୍ୟାନ୍ ଦେଲା ଗୋପାଳପୁର ପୋର୍ଟ


ପାଟ୍ରୋଲିଂ ଭ୍ୟାନ୍‌କୁ ଏସ୍‌ପି ଶୁଭାରମ୍ଭ କରୁଛନ୍ତି ।

**ଛତ୍ରପୁର, ୩।୨ (ଡି.ଏନ.ଏ.):** ଗୋପାଳପୁର ପୋର୍ଟ ଲିମିଟେଡ୍ ପକ୍ଷରୁ ସୋମବାର ସନ୍ଧ୍ୟାରେ ଗଞ୍ଜାମ ଜିଲା ପୋଲିସକୁ ଏକ ପ୍ୟାଟ୍ରୋଲିଂ ଭ୍ୟାନ୍ ପ୍ରଦାନ କରାଯାଇଛି । ଏହି ଅବସରରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ପୋର୍ଟ ଲିମିଟେଡ୍‌ର ଡେପୁଟି ସିଇଓଙ୍କ ସମ୍ମୁଖରେ ଉକ୍ତ ଭ୍ୟାନ୍ ଚାବି ପ୍ରଦାନ କରିଥିଲେ। ପରେ ପାଟ୍ରୋଲିଂ ପାଇଁ ଏହି ଭ୍ୟାନ୍‌କୁ ପତାକା ଦେଖାଇ ଏସ୍‌ପି ରଏ ଶୁଭାରମ୍ଭ କରିଥିଲେ । ଏହି ଭ୍ୟାନ୍ ଦ୍ୱାରା ପୋଲିସ ପ୍ୟାଟ୍ରୋଲିଂ ପାଇଁ ସହାୟକ ହେବ ବୋଲି କୁହାଯାଇଛି । ଗୋପାଳପୁର ପୋର୍ଟ ସର୍ବଦା କମ୍ପାନୀ ସାମାଜିକ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେଇଆସୁଥିବା ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଗୋପାଳପୁର ପୋର୍ଟ ଲିମିଟେଡ୍ ଭାଇସ ପ୍ରେସିଡେଣ୍ଟ ଶାନ୍ତନୁ କୁମାର ମହାପାତ୍ର ଓ ମୁଖ୍ୟ ସୁରକ୍ଷା ଅଧିକାରୀ ସୌମିତ୍ର କୁମାର ପଟ୍ଟନାୟକ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଡିଏସ୍‌ପି ଅଜୟ କୁମାର ମିଶ୍ର ଓ ଉତ୍କଳକେଶରୀ ଦାସ, ରିଜର୍ଭ ଇନ୍ସପେକ୍ଟର ଗଙ୍ଗାଧର ଧାଙ୍ଗର, ଏ. ରାବଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବୁଗୁଡ଼ା, ୩।୨ (ଡି.ଏନ.ଏ.):** ବୁଗୁଡ଼ା ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ୧୨ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିର ଉଦ୍‌ଯାପନ ଉତ୍ସବରେ ପରିଚାଳନା କମିଟି ସଭାପତି ଶଙ୍କର ସେଠୀ, ସଂଘମିତ୍ରା ରଥ, ବରିଷ୍ଠ ଶିକ୍ଷକ ଏମ୍.ଯୋଗେଶ ରାଓ ଦୋରା, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପତି, ସିଆରସିସି ପ୍ରତାପ ଚନ୍ଦ୍ର ଖାଡ଼ଙ୍ଗା ଯୋଗ ଦେଇଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଙ୍କୁ ସମ୍ବଳ ଶିକ୍ଷୟିତ୍ରୀ ଭାବେ ମିତାରାଣୀ ସ୍ୱାଇଁ ଓ ବାସବଦତ୍ତା ଦାଶ ତାଲିମ ପ୍ରଦାନ କରିଥିଲେ।

# ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପ୍ରତିବାଦ ସଭା

**ଦିଗପହଣ୍ଡି,୩।୨(ଡି.ଏନ.ଏ.)**

ଛାତ୍ରଙ୍କୁ ମାଡ଼ମାରିବା ଅଭିଯୋଗରେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ନୋଡାଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିରେଣି କୁମାର ସାହୁଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଏହାର ପ୍ରତିବାଦରେ ସୋମବାର ଅପରାହ୍ନରେ ବ୍ଲକ ପ୍ରାଥମିକ ସଂଘ ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଏଥିରେ ବହୁ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ସଂଘ ସଭାପତି ରାଜେନ୍ଦ୍ର କୁମାର ଗୌଡଙ୍କ ଅଧ୍ୟକ୍ଷତାରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ସଂଘର କାର୍ଯ୍ୟକର୍ତ୍ତା ମିଥ୍ୟା ତଥ୍ୟ ଆଧାରରେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି, ତୁରନ୍ତ ନିଲମ୍ବନ ପ୍ରତ୍ୟାହାର କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ ସଂଘର କାର୍ଯ୍ୟକର୍ତ୍ତା ବୃନ୍ଦ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

ପରେ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶିକ୍ଷକଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କିଛି ସ୍ୱାର୍ଥ ବ୍ୟକ୍ତିଙ୍କ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଛାତ୍ରଙ୍କ ବାପା ଟି.କପିଳାସ ପାତ୍ର ଏଭଳି ଅଭିଯୋଗ କରିଛନ୍ତି। ୭ମ ଶ୍ରେଣୀ ଛାତ୍ର ଟି.ସୁଜିତଙ୍କ ବଦଳରେ ୫ମ ଶ୍ରେଣୀରେ ପଢୁଥିବା ତାଙ୍କ ସାନଭାଇ ଟି.ଅମିତଙ୍କ ଜଙ୍ଘରେ ନାଲି ପ୍ରଲେପ ଲଗାଯାଇ ମାଡ଼ ହେବାର ଭିଡିଓ ଓ ଫଟୋ ଭାଇରାଲ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଶିକ୍ଷକଙ୍କ ନାଁରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଲାଗି ଆଇଆଇସି ବସନ୍ତ କୁମାର ସେଠୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିବା ସଂଘ ସଭାପତି କହିଛନ୍ତି। ଏନେଇ ଘଟଣାର ସତ୍ୟତା ସମ୍ପର୍କରେ ସଂଘ କର୍ମକର୍ତ୍ତାଙ୍କୁ ପଚରାଯିବାରୁ ଛାତ୍ର ଜଣକ ଉତ୍ଥାନ ବହି ହଜାଇ ଦେଇଥିବାରୁ ଶିକ୍ଷକ ତାଙ୍କୁ ତାଗିଦ କରିଥିବା କହିଛନ୍ତି।

ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ପ୍ରାଥମିକ ତଦନ୍ତକୁ ଆଧାର କରି ଶିକ୍ଷକଙ୍କୁ ନିଲମ୍ବନ କରାଯିବା ସହ ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିବା କହିଛନ୍ତି। ଶିକ୍ଷକ ସଂଘର ଦାବିପତ୍ରର ନକଲ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯିବ। ପରବର୍ତ୍ତୀ ସମୟରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।


ପ୍ରତିବାଦ ସଭାରେ ସଂଘ ସଭାପତିଙ୍କ ଉଦ୍‌ବୋଧନ।

- ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷକ ନିଲମ୍ବିତ ଘଟଣା
- ନିଲମ୍ବନ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ

## ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ବୁଗୁଡ଼ା,୩।୨(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ିରେ ଶନିବାରରୁ ଆରମ୍ଭ ହୋଇଥିବା ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ତୃତୀୟ ସନ୍ଧ୍ୟାକୁ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜୟନ୍ତୀ ପରିଚାଳନା କମିଟି ସଭାପତି ଡ଼. ବୃନ୍ଦାବନ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଗଣ ଶିକ୍ଷାମନ୍ତ୍ରୀ ଯୋଗଦେଇ ସରକାରଙ୍କ ଶିକ୍ଷାନୀତିର ସଂସ୍କାରକୁ ଉପସ୍ଥାପନ କରିବା ସହ ପ୍ରତ୍ୟେକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ବିଧାୟକ ଶ୍ରୀକାନ୍ତ ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଏବଂ ଜୟନ୍ତୀ କମିଟି ଆବାହକ ଗୋପାଳ ଚନ୍ଦ୍ର ନାୟକ ଯୋଗଦେଇ ବିଦ୍ୟାପୀଠର ବିଶେଷ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର ଓ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ବିଶେଷତଃ ପୁରୀ ରଙ୍ଗଶାଳା କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆନନ୍ଦ ଦେଇଥିଲା। ୩ ଦିନ ବ୍ୟାପି ଚାଲି ଆସିଥିବା ଜୟନ୍ତୀ ସମାରୋହ ପରିଚାଳନାରେ ବହୁ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ରାମଚରିତ ମାନସ ନବାହ୍ନ ପାରାୟଣ

**ଜି.ଉଦୟଗିରି,୩।୨(ଡି.ଏନ.ଏ.):** ଜି.ଉଦୟଗିରି ବରାଳିନୀ ମାର୍କେଟ ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ସମିତି ଏବଂ ପର୍ଶୁରାମ ବାହିନୀ ପକ୍ଷରୁ ରାମଚରିତ ମାନସ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତସଙ୍ଗ ହେଉଛି ମନୁଷ୍ୟର ମୁକ୍ତିର ମାର୍ଗ। ଏହି ମାର୍ଗରେ ଯାତ୍ରା କଲେ ମନୁଷ୍ୟ ବାରମ୍ବାର ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ମିଳିଥାଏ ବୋଲି ଭୁବନେଶ୍ୱରରୁ ଆସିଥିବା ପ୍ରବଚକ ମାନସ କଳ୍ପତରୁ ପଣ୍ଡିତ ଉମାକାନ୍ତ ମହାପାତ୍ର ମତ ଦେଇଛନ୍ତି। ୯ ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପାରାୟଣ ପାଠକ ବ୍ୟାସ ମାନସ କୁମାର ମିଶ୍ର ଯୋଗଦେଇ ପାରାୟଣ କରିଥିଲେ। ଆୟୋଜକ ବ୍ରାହ୍ମଣ ସମିତି ସଭାପତି ବିନୋଦ ବିହାରୀ ଦାଶ, ସମ୍ପାଦକ ବଟକୃଷ୍ଣ ଦାଶ, ପର୍ଶୁରାମ ବାହିନୀ, ସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟଙ୍କ ସହ ବିରଷ୍ଠ ସଭ୍ୟ ଦଣ୍ଡପାଣି ପାଢ଼ୀ, ସୁଧାଂଶୁ ଶେଖର ଆଚାର୍ଯ୍ୟ, ବଂଶୀଧର ତ୍ରିପାଠୀ, ପ୍ରତାପ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

UTKAL UNIVERSITY
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA
**Advertisement for the post of ASSISTANT PROFESSOR**
Advt. No. Estt.I/1041/3633/2020 Dated: 03/02/2020
Online applications are invited in the prescribed Application Form from eligible candidates for appointment to the post of **ASSISTANT PROFESSOR** in various Departments under Utkal University in the Academic Pay Matrix Level-10 of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.
For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.
Sd/-
REGISTRAR

UTKAL UNIVERSITY
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA
**Advertisement for the post of ASSOCIATE PROFESSOR**
Advt. No. Estt.I/1041/3618/2020 Dated: 03/02/2020
Online applications are invited in the prescribed Application Form from eligible candidates for appointment to the post of **ASSOCIATE PROFESSOR** in various Departments under Utkal University in the Academic Pay Matrix Level-13A of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.
For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.
Sd/-
REGISTRAR

UTKAL UNIVERSITY
(NAAC A+ accredited & Category I University with graded Autonomy by MHRD)
VANI VIHAR, BHUBANESWAR - 751004, ODISHA, INDIA
**Advertisement for the post of PROFESSOR**
Advt. No. Estt.I/1041/3603/2020 Dated: 03/02/2020
Online applications are invited in the prescribed Application Form from eligible candidates for appointment to the post of **PROFESSOR** in various Departments under Utkal University in the Academic Pay Matrix Level-14 of Orissa Revised Scale of Pay for University Teachers Rules, 2019. The recruitment shall be made in accordance with the **"UGC Regulation 2018"** and other applicable provisions.
For details, please visit the University website: **www.utkaluniversity.nic.in** (Recruitment). Any addendum/ corrigendum shall be posted only on the University website.
Sd/-
REGISTRAR

World Cancer Day
4 February
NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
**ବିଶ୍ୱ କର୍କଟ ଦିବସ**
୪ ଫେବୃଆରୀ ୨୦୨୦
DSPL-257
କ୍ୟାନ୍‌ସର (କର୍କଟ) ରୋଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ରୂପେ ପାଳନ କରାଯାଉଛି । କର୍କଟ ରୋଗର ପ୍ରମୁଖ କାରଣ ଗୁଡିକ ମଧ୍ୟରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ କିଛି ଭୂତାଣୁ ଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ । ସୁସ୍ଥ ଜୀବନଶୈଳୀ ଓ ଖାଦ୍ୟପେୟରେ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ପ୍ରତିରୋଧ କରାଯାଇ ପାରିବ । ଆସନ୍ତୁ, ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ଆମେ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରୟାସ ଜାରି ରଖି କ୍ୟାନ୍‌ସର ମୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିଜ୍ଞା କରିବା ।
**କ୍ୟାନ୍‌ସର ପ୍ରତିରୋଧର ଉପାୟ**
- କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା ।
- ମାଦକ ଦ୍ରବ୍ୟ ବା ନିଶା ସେବନ ନ କରିବା ।
- ନିୟମିତ ସ୍ତନ୍ୟପାନ କରାଇବା ।
- ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସ ଆପଣାଇବା ।
- ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜାରି ରଖିବା ।
- ସୁସ୍ଥ ଜୀବନ ଶୈଳୀ ଆପଣେଇବା ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ।
- ପରିବେଶ ପ୍ରଦୂଷଣକୁ ପ୍ରତିହତ କରିବା ।
**ମନେରଖନ୍ତୁ, କ୍ୟାନ୍‌ସର ରୋଗ ପ୍ରାଥମିକ ଅବସ୍ଥାରେ ଆରୋଗ୍ୟସାଧ୍ୟ ।**
ଅଧିକ ଜାଣିବା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡେ-କେୟାର କେମୋଥେରାପି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ ।
**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**
OIPR-10003/13/0069/1920
facebook.com/HFWOdisha http://www.health.odisha.gov.in/ @HFWOdisha

## ସଂକ୍ଷେପରେ

### ବ୍ରହ୍ମପୁରରେ ପ୍ଲାନେଟାରିୟମ ନିର୍ମାଣ ଦାବି

ସଂସ୍କାରବାଦୀର ଆର୍‌ଡିସିଙ୍କୁ ଦାବିପତ୍ର



**ବ୍ରହ୍ମପୁର ଅଫିସ,୩।୨:** ବ୍ରହ୍ମପୁରରେ ପ୍ଲାନେଟାରିୟମ ନିର୍ମାଣ ପାଇଁ ସଂସ୍କାରବାଦୀ ପକ୍ଷରୁ ଦାବି ହୋଇଛି। ଏନେଇ ସୋମବାର ସଂଗଠନ ପକ୍ଷରୁ ଦକ୍ଷିଣାଞ୍ଚଳ ଆର୍‌ଡିସି ଟି. ଆଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର କେନ୍ଦ୍ରସ୍ଥଳ ହୋଇଥିବାରୁ ଏଠାରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଢାଞ୍ଚାରେ ଏକ ପ୍ଲାନେଟାରିୟମ ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି । ଏଥିସହ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକରେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ନିର୍ମିତ ଫାଉଣ୍ଟେନ ପରିସରରେ ଜ୍ୟୋତିଷ ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସଂଗଠନ ସଭାପତି ତ୍ରିନାଥ ମହାରଣାଙ୍କ ସମେତ ଯୁଗ୍ମ ସମ୍ପାଦକ ବଦ୍ରିପ୍ରସାଦ ପାତ୍ର, କୋଷାଧ୍ୟକ୍ଷ ସନ୍ତୋଷିନୀ ବେହେରାଙ୍କ ସମେତ ଗୌରୀ ଶଙ୍କର ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କିଶୋର ଚନ୍ଦ୍ର ବ୍ରହ୍ମା, ଗଣେଶ ଚନ୍ଦ୍ର ପାଣିଗ୍ରାହୀ, ୟୁ. କାଶୀନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଫେରାର ୭ ଅଭିଯୁକ୍ତ ଗିରଫ

**ପାଟପୁର,୩।୨:** ପାଟପୁର ପୋଲିସ ୭ଜଣ ଫେରାର୍ ଅଭିଯୁକ୍ତଙ୍କୁ ରବିବାର ରାତିରେ ଗିରଫ କରିଛି। ସେମାନେ ହେଲେ ସାହସପୁରର ଗଣେଶ ରାଉଳ, ଧର୍ମରାୟପୁରର ଧୋବା ଦାସ, ପାଟପୁରର ନିରଞ୍ଜନ ଗୌଡ଼, ନରସିଂହଗଡ଼ର ମିଟୁ ପ୍ରଧାନ, ନିମ୍ମିପୁରର କାଲୁ ମହାରଣା, ପିମ୍ପଲିଗୁଡାର ସୁବଳ ନାଇକ, ପଳାସପୁରର ଶୁକୁଟା ନାଇକ। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଅଜୟ କୁମାର ବାରିକ କହିଛନ୍ତି। ବିଭିନ୍ନ ଫୌଜଦାରି ମାମଲାରେ ସମ୍ପୃକ୍ତ ଥାଇ ଅଭିଯୁକ୍ତମାନେ ଅଦାଲତରେ ହାଜର ହେଉ ନ ଥିଲେ। ଏଥିପାଇଁ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ଜାମିନବିହୀନ ଗିରଫ ଫରୱାନା ବଳରେ ଅଭିଯୁକ୍ତଙ୍କୁ ପୋଲିସ ଧରିଥିଲା।

### ଗଛରେ ପିଟିହେଲା ବୋଲେରୋ, ୨ ଆହତ

**ପାଟପୁର,୩।୨:** ପାଟପୁର ଥାନା ଖେମୁଣ୍ଡିଖୋଲ ନିକଟରେ ସୋମବାର ଏକ ବୋଲେରୋ ଗଛରେ ପିଟିହେବାରୁ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମୋହନା ଥାନା ବୋଧେଇଗୁଡାର ମାନୁଏଲ ଶୋଭା ନାୟକ ଓ ପ୍ରଶାନ୍ତ ଶୋଭା ନାୟକ। ଚନ୍ଦ୍ରଗିରିରୁ ବ୍ରହ୍ମପୁର ଯାଉଥିବା ବୋଲେରୋଟି ରାସ୍ତାରେ ବ୍ରେକ ଫେଲ୍ ହୋଇଯିବାରୁ ଗଛରେ ପିଟି ହୋଇଥିଲା। ସାନଖେମୁଣ୍ଡି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପାଟପୁର ପୋଲିସ ପହଞ୍ଚି ଗାଡି ରାସ୍ତା ଉପରୁ ହଟାଇଛି।

### ବାଲ୍ୟବିବାହ ରୋକିଲା ପ୍ରଶାସନ

**ପାଟପୁର,୩।୨:** ସାନଖେମୁଣ୍ଡି ବ୍ଲକ ସିଙ୍ଗିପୁର, କଉଡିଆ, କଙ୍କୋରଡା ଅଞ୍ଚଳରେ ହେବାକୁ ଥିବା ବାଲ୍ୟ ବିବାହକୁ ସୋମବାର ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି। ଉକ୍ତ ଅଞ୍ଚଳରେ ପରିବାର ଲୋକେ ନାବାଳିକାଙ୍କ ବିବାହ ପାଇଁ ପ୍ରସ୍ତୁତି ଜୋରଦାର ଚଳାଇଥିଲେ। ଖବର ପାଇ ବ୍ରହ୍ମପୁର ଚାଇଲଡ଼ ଲାଇନ ପ୍ରଭାତ ପାଢ଼ୀ, ପି.ପ୍ରଣୀତାଙ୍କ ନେତୃତ୍ୱରେ ସାନଖେମୁଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଭାରପ୍ରାପ୍ତ ଅଧିକାରୀ ସରୋଜିନୀ ବେହେରା, ସୁପ୍ରଭାଇଜର କେ.ଅଶାନ୍ତ କୁମାରୀ ପାତ୍ର, ପାଟପୁର ଏଏସ୍‌ଆଇ ଅର୍ଜୁନ ଶବର ଉକ୍ତ ଗ୍ରାମଗୁଡିକରେ ପହଞ୍ଚି ନାବାଳିକାଙ୍କ ପରିବାର ସହ ଆଲୋଚନା କରିଥିଲେ। ବାଲ୍ୟ ବିବାହ କରାଇଲେ ରହିଥିବା ଆଇନଗତ ଦଣ୍ଡ ବ୍ୟବସ୍ଥା, ଅସୁବିଧା ସମ୍ପର୍କରେ ସେମାନଙ୍କୁ ବୁଝାଇ ବାହାଘର ବନ୍ଦ କରିବା ପାଇଁ ପରାମର୍ଶ ଦେଇଥିଲେ।

# ସମୁଦ୍ର ମଧ୍ୟରେ ୧୦ ଜଣିଆ ପାଟ୍ରୋଲିଂ ଟିମ୍

**ବ୍ରହ୍ମପୁର ଅଫିସ,୩।୨**






ସ୍ଥାନୀୟ ଜନସାଧାରଣଙ୍କ ସଚେତନତା ପାଇଁ ଲଗାଯାଇଥିବା ନୋଟିସ୍ । ରଷିକୁଲ୍ୟା ମୁହାଣ ଅଞ୍ଚଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଚାଲିଥିବା ପ୍ରସ୍ତୁତି ।

ଗଞ୍ଜାମ ରଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛଙ୍କ ଗଣଅଣ୍ଡାଦାନ ପର୍ବ ଆରମ୍ଭ ହେବ । ଫେବୃୟାରୀ ଶେଷ ସପ୍ତାହରେ ଅଲିଭ ରିଡ୍‌ଲେଙ୍କ ଗଣଅଣ୍ଡାଦାନ ଆରମ୍ଭ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ସଜାଗ ହୋଇଛି। ରଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ, ଅଣ୍ଡା, ଜନ୍ମିତ ନବଜାତକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତ ନଭେମ୍ବରରୁ ରଷିକୁଲ୍ୟା ମୁହାଣକୁ ଅଲିଭ ରିଡ୍‌ଲେଙ୍କ ଆଗମନ ହୋଇସାରିଛି। ଅଲିଭ ରିଡ୍‌ଲେଙ୍କ ମିଳନ ପର୍ବ ଶେଷ ହୋଇଛି । ଫେବୃୟାରୀ ୧୫ ପରେ ଗଣଅଣ୍ଡାଦାନ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ରଷିକୁଲ୍ୟା ମୁହାଣ ପୁରୁଣା ବନ୍ଧ ଅଞ୍ଚଳରୁ ବଟେଶ୍ୱର ପର୍ଯ୍ୟନ୍ତ ବେଳାଭୂମି ଅଞ୍ଚଳରେ ବନବିଭାଗ ପକ୍ଷରୁ କଇଁଛଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି ।

ବ୍ରହ୍ମପୁର ଡିଏଫ୍‌ଓ ଅମ୍ଲାନ କୁମାର ନାୟକଙ୍କ ସୂଚନା ପ୍ରକାରେ, କଇଁଛଙ୍କ ମିଳନ ପର୍ବ ପରେ ଜାନୁୟାରୀ ଶେଷ ସପ୍ତାହ ମଧ୍ୟରେ ଗୋଟିଏ ପରେ ଗୋଟିଏ ହୋଇ ୧୦ ରୁ ୧୫ କଇଁଛ ଅଣ୍ଡାଦାନ କରିଛନ୍ତି ।

**ଅଲିଭ ରିଡ୍‌ଲେଙ୍କ ପାଇଁ ବନ ବିଭାଗର ପ୍ରସ୍ତୁତି**
- ଶେଷ ପର୍ଯ୍ୟାୟରେ ବନ ବିଭାଗର କାର୍ଯ୍ୟ
- ଫେବୃୟାରୀ ୧୫ ପରେ ଗଣ ଅଣ୍ଡାଦାନ ସମ୍ଭାବନା
- ସିସିଟିଭି, ଡ୍ରୋନ୍ କ୍ୟାମେରା ଦ୍ୱାରା ରଖାଯିବ ନଜର
- ୧୧ ସୁରକ୍ଷା କ୍ୟାମ୍ପରେ ନିୟୋଜିତ ହେବେ ୨୨ କର୍ମଚାରୀ

ଫେବୃୟାରୀ ୧୫ରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ସୁରକ୍ଷା ପାଇଁ ରଷିକୁଲ୍ୟା ମୁହାଣର ପୁରୁଣାବନ୍ଧରୁ ବଟେଶ୍ୱର ପର୍ଯ୍ୟନ୍ତ ୫.୫ କି.ମି. ବେଳାଭୂମି ଅଞ୍ଚଳକୁ ସଫା କରାଯାଇଛି । କୁକୁର ଓ ବିଲୁଆଙ୍କ କବଳରୁ ଅଣ୍ଡା ଓ ଛୁଆଙ୍କୁ ସୁରକ୍ଷା ଦେବା ପାଇଁ ଉକ୍ତ ଅଞ୍ଚଳକୁ ନେଟ ଦ୍ୱାରା ଆବଦ୍ଧ କରାଯାଇଛି । ଏଥିସହ ଉକ୍ତ ସ୍ଥଳରେ ବନବିଭାଗ ପକ୍ଷରୁ ସଚେତନତା ପୋଷ୍ଟର ଲଗାଯାଇଛି । ୧୧ଟି ସୁରକ୍ଷା କ୍ୟାମ୍ପ କରାଯିବା ସହ ପ୍ରତି କ୍ୟାମ୍ପରେ ୨ ଜଣ ଲେଖାଏ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ମନିଟରିଂ ପାଇଁ ପୁରୁଣାବନ୍ଧର ଗୋଖରକୁଦାରେ ଅଫିସିଆଲ ଷ୍ଟେଶନ କରାଯାଇଛି। ସ୍ଥାନୀୟ ଲୋକଙ୍କୁ ମଧ୍ୟ ଏନେଇ ସଚେତନ କରାଯାଇଛି । ସମୁଦ୍ର ମଧ୍ୟ ଦେଇ ଆସୁଥିବା ବେଆଇନ ଟ୍ରଲର ଉପରେ ନଜର ରଖିବାକୁ ୧୦ ଜଣିଆ ପାଟ୍ରୋଲିଂ ସ୍କ୍ୱାଡ୍‌ଙ୍କୁ ସମୁଦ୍ର ମଧ୍ୟରେ ନିୟୋଜିତ କରାଯାଇଛି । ଏଥିସହ ସମଗ୍ର ଅଞ୍ଚଳକୁ ସିସିଟିଭି ଦ୍ୱାରା ଆବଦ୍ଧ କରାଯିବା ସହ ୨ ଟି ଡ୍ରୋନ୍ କ୍ୟାମେରା ବ୍ୟବହାର କରାଯିବାକୁ ଥିବା ନେଇ ଡିଏଫ୍‌ଓ ସୂଚାଇଛନ୍ତି ।

# ମାସିକ ୧୦୦୦ ଟଙ୍କା ଦିଆଯାଉ ମେଡିକାଲ ଆଲାଉନ୍ସ

**ବ୍ରହ୍ମପୁର ଅଫିସ,୩।୨**

- ଗଞ୍ଜାମ ଜିଲା ଶାଖା ସେବା ନିବୃତ୍ତ କର୍ମଚାରୀ-ଶିକ୍ଷକ ବିକାଶ ମଞ୍ଚ ବୈଠକ
- ସର୍ବନିମ୍ନ ପେନ୍‌ସନ ୯ ହଜାର ଧାର୍ଯ୍ୟ ଦାବି

ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଞ୍ଜାମ ଜିଲା ଶାଖାର ଜରୁରୀ ବୈଠକ ବ୍ରହ୍ମପୁରସ୍ଥ ଏନ୍‌ଜିଓ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ପେନ୍‌ସନଭୋଗୀଙ୍କୁ କେନ୍ଦ୍ର ସରକାରଙ୍କ ସମତୁଲ ମାସିକ ଚିକିତ୍ସା (ମେଡିକାଲ ଆଲାଉନ୍ସ) ଭତ୍ତା ୧ ହଜାର ଟଙ୍କା ରାଜ୍ୟ ସରକାର ଦେବା ପାଇଁ ଦାବି କରାଯାଇଛି। ଅପରପକ୍ଷରେ ସର୍ବନିମ୍ନ ପେନ୍‌ସନ ୯ ହଜାର ଟଙ୍କା ଧାର୍ଯ୍ୟ କରାଯିବାକୁ ଆଉ ଏକ ଦାବି ପ୍ରସ୍ତାବ ଗୃହୀତ ହୋଇଛି। ଜିଲା ଶାଖା ସଭାପତି ରଜନୀକାନ୍ତ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଗତବର୍ଷ ଜୁଲାଇରୁ କେନ୍ଦ୍ର ସରକାର ଘୋଷଣା କରିଥିବା ମହଙ୍ଗା ଭତ୍ତା ୫% ରାଜ୍ୟରେ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଜିଲା ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଶିକ୍ଷକ ସଂଘ ନେତା କାମରାଜୁ ମହାରଣା, ସୁରେଶ ବିଷୋୟୀ, ସୁବାସ ଚନ୍ଦ୍ର ମିଶ୍ର, ପୀତବାସ ମହାପାତ୍ର, ଉପେନ୍ଦ୍ର ନାୟକ, ବିପିନ ବିହାରୀ ଶତପଥୀ ଓ କେ.କୃଷ୍ଣମୂର୍ତ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ରାଜ୍ୟ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପୂରଣରେ ଆଖି ବୁଜି ଦେଇଥିବା ଅଭିଯୋଗ କରାଯାଇଥିଲା। ରାଜ୍ୟର ୧୨ ସଂଗଠନର ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ଲକ୍ଷାଧିକଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ଦିଆଯିବାର ୧୦ ମାସ ବିତିବା ପରେ ବି କାର୍ଯ୍ୟକାରୀ ହୋଇ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା।

ବର୍ତ୍ତମାନ ବଜାର ଦର ହୁ ହୁ ବଢ଼ି ଚାଲିଛି । ବର୍ଦ୍ଧିତ ମହଙ୍ଗା ଭତ୍ତା ମିଳୁ ନ ଥିବାରୁ ପେନ୍‌ସନଭୋଗୀଙ୍କ ଅବସ୍ଥା ସଙ୍ଗିନ ହୋଇଥିବା ମତ ପ୍ରକାଶ ପାଇଥିଲା। ଦୀର୍ଘଦିନର ଦାବି ସମୂହ ପୂରଣ କରାଯାଇ ନ ଥିବା ପ୍ରତିବାଦରେ ଆସନ୍ତା ୧୨ ତାରିଖରେ ମିଳିତ ମଞ୍ଚ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ନିଷ୍ପତ୍ତି ନିଆଯିବାର ବୈଠକ ଶେଷରେ ସଭାପତି ମଣ୍ଡଳ ସୂଚନା ଦେଇଛନ୍ତି। ଦାବି ପୂରଣରେ ସରକାର ଅଧିକ ଅବହେଳା କଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବାର ଚେତାବନୀ ଦିଆଯାଇଛି।

### ମହାନଗର ମହୋତ୍ସବର ଅଷ୍ଟମ ସନ୍ଧ୍ୟା
## ମନ ମୋହିଲା ମୟୂରଭଞ୍ଜର ଛଉନୃତ୍ୟ

**ବ୍ରହ୍ମପୁର ଅଫିସ,୩।୨**

ଖଲ୍ଲିକୋଟ କଲେଜ ଖେଳ ପଡିଆରେ ଚାଲିଥିବା ୭ମ ମହାନଗର ମହୋତ୍ସବର ସୋମବାର ଥିଲା ଅଷ୍ଟମ ସନ୍ଧ୍ୟା । ଏହାକୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଯୋଗ ଦେଇଥିଲେ । ଶିବରାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାନଗର ମହୋତ୍ସବ ସଭାପତି ନାରାୟଣ ମହାକୁଡ ସଂଯୋଜନା କରିଥିଲେ । ସମ୍ମାନିତ ଅତିଥି ଭାବେ ଇନ୍‌ଟାକ୍ ସଭାପତି ଡ଼.ସୁଧାଂଶୁ ପତି, ଡକ୍ଟର ଫୋରମ ସଭାପତି ଡ଼ା.ଶଙ୍କର୍ଷଣ ପାତ୍ର, ଅମ୍ବିକା ପ୍ରସାଦ ଦାସ, ବାସୁଦେବ ମହାପାତ୍ର, ମହୋତ୍ସବ ସମ୍ପାଦକ ଗୋପାଳ ପଟ୍ଟନାୟକ, ଯୁଗ୍ମ ସମ୍ପାଦିକା ରଶ୍ମିତା ପାଣିଗ୍ରାହୀ, ଗୋପାଳ କୃଷ୍ଣ ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ । କୋଷାଧ୍ୟକ୍ଷ ପ୍ରଣୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ମୟୂରଭଞ୍ଜର ଛଉ ନୃତ୍ୟ ଓ ଭୁବନେଶ୍ୱରର ମର୍ଡନ ଡ୍ୟାନ୍ସ। ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ମୟୂରଭଞ୍ଜରୁ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଷିତ ଛଉ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା ।

# ଗୃହୀତ ପାଇଁ ଉପଜିଲାପାଳଙ୍କୁ ୱାର୍ଡମେମ୍ବରଙ୍କ ଦାବିପତ୍ର



ୱାର୍ଡମେମ୍ବରମାନେ ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୩।୨**

**ହୁଗୁଳାପଟା ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ**

କୁକୁଡାଖଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ ହୁଗୁଳାପଟା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଦାବି ହୋଇଛି । ଏନେଇ ସୋମବାର ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡିକର ବିକାଶ ତଥା ଉନ୍ନୟନମୂଳକ କାର୍ଯ୍ୟ ପାଇଁ କେବଳ ନାମକୁ ମାତ୍ର ବୈଠକ ଡକାଯାଉଥିବା ବେଳେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠିର ସରପଞ୍ଚ ବିନିଯୋଗ କରୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସରପଞ୍ଚ ୱାର୍ଡ ମେମ୍ବରଙ୍କ ପରାମର୍ଶ ତଥା ପ୍ରସ୍ତାବ ବିନା ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଏପରିକି ଗ୍ରାମସଭା ଓ ପଲ୍ଲିସଭା ପରିଚାଳନା କରିବାରେ ମଧ୍ୟ ସେ ଅସମର୍ଥତା ପ୍ରକାଶ କରିବା ସହ ଗ୍ରାମ ପଞ୍ଚାୟତର ନିୟମକୁ ଉଲ୍ଲଂଘନ କରୁଥିବା ସେମାନେ କହିଛନ୍ତି । ତେଣୁ ତୁରନ୍ତ ସରପଞ୍ଚଙ୍କ ଅନାସ୍ଥା ପ୍ରସ୍ତାବ ଗୃହୀତ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାକୁ କାର୍ଯ୍ୟକାରୀ କରିବାକୁ ୱାର୍ଡମେମ୍ବରମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଘଟଣାର ଅନୁଧ୍ୟାନକରି ପଦକ୍ଷେପ ଗ୍ରହଣ କରିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ୱାର୍ଡମେମ୍ବରମାନେ ସୂଚାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲା ପରିଷଦ ସଭ୍ୟ ଏଲ. ମୋହନ ଦାଶ, ସମିତିସଭ୍ୟ ବାଦଲ ବିଷୋୟୀଙ୍କ ସମେତ ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ହୁଗୁଳାପଟା ସରପଞ୍ଚ ପ୍ରଦୀପ ମାଲଣାଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ । ସରକାରୀ ଫଣ୍ଡର ଠିକ୍ ବିନିଯୋଗ ଓ ପଞ୍ଚାୟତ ଅଞ୍ଚଳରେ ସମସ୍ତ ପ୍ରକାର ବିକାଶମୂଳକ କାର୍ଯ୍ୟ ଚାଲୁ ରହିଥିବା ସେ କହିଛନ୍ତି ।

## ୨ ଲୁଟେରା ଗିରଫ: ସୁନାଚେନ, ସ୍କୁଟି ଜବତ

**ବ୍ରହ୍ମପୁର ଅଫିସ,୩।୨**

ଗୋଷାଣୀନୂଆଗାଁ ପୋଲିସ ଜଣେ ପେସାଦାର ଅପରାଧୀଙ୍କ ସମେତ ୨ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଷାଣୀନୂଆଗାଁ ବଡସାହିର ମାଙ୍ଗା ଓରଫ ରାକେଶ କୁମାର ପଣ୍ଡା ଓ ନେହୁରୁନଗର ଷଷ୍ଠ ଲେନ୍‌ର ମୃତ୍ୟୁଞ୍ଜୟ ପଣ୍ଡା ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ମହିଳାଙ୍କଠାରୁ ଲୁଟି ନେଇଥିବା ସୁନାଚେନ ପୋଲିସ ସେମାନଙ୍କଠାରୁ ଜବତ କରିଛି। ସେମାନଙ୍କ ସ୍କୁଟି (ନଂ ଓଡି୦୭ ଏବି-୩୯୫୧)କୁ ମଧ୍ୟ ଜବତ କରାଯାଇଛି। ମାମଲା ନଂ.୧୧/୨୦ ରେ ଉଭୟ ଲୁଟେରାଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ରବିବାର ଭୋର ସାଢେ ୫ଟାରେ ସ୍ଥାନୀୟ ଗୀତା ଭବନରେ ଏକ ଭୋଜି ପାଇଁ ଗୋଷାଣୀନୂଆଗାଁର ୬ ଜଣ ମହିଳା ଗୋକୁଳଧାମ ଦେଇ ଚାଲି ଚାଲି ଯାଉଥିଲେ। ସେଠାରୁ ତାଙ୍କୁ ପିଛା କରୁଥିବା ଲୁଟେରାମାନେ ହିଲପାଟଣା ପ୍ରଧାନ ରେସିଡେନ୍ସି ନିକଟରେ ସୁଜାତା ସ୍ୱାଇଁଙ୍କ ବେକରୁ ଏକ ସୁନାଚେନ ଝାମ୍ପି ନେଇଯାଇଥିଲେ। ଏହାଦେଖି ମହିଳାମାନେ ଚିତ୍କାର କରିବାରୁ ଲୁଟେରାମାନେ ସ୍କୁଟି ଛାଡି ପଳାଇ ଯାଇଥିଲେ। ପୋଲିସ ପହଞ୍ଚି ଗାଡି ଜବତ କରିଥିଲା। ଗାଡି ନମ୍ବର ଟ୍ରାକିଂ କରି ପ୍ରଥମେ ମୃତ୍ୟୁଞ୍ଜୟ ପଣ୍ଡାଙ୍କୁ ଗିରଫ କରିଥିଲା। ପରେ ତାଙ୍କ ବୟାନକୁ ଆଧାରକରି ମାଙ୍ଗା ପଣ୍ଡାଙ୍କୁ ମଧ୍ୟ ଗିରଫ କରିଥିଲା। ଜବତ ସୁନାଚେନ ମହିଳାଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ସୋରେନ କହିଛନ୍ତି।

# ବ୍ରଜନଗର ରାସ୍ତା ମରାମତି ଦାବି



ଦାବିପତ୍ର ପ୍ରଦାନ ବେଳେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବ୍ରଜନଗର ଉନ୍ନୟନ ପରିଷଦ କର୍ମକର୍ତ୍ତା ।

**ବ୍ରହ୍ମପୁର ଅଫିସ,୩।୨**

**ଉପଜିଲାପାଳଙ୍କୁ ଉନ୍ନୟନ ପରିଷଦର ଦାବିପତ୍ର**

ଜାନିବିଲି ପ୍ରକଳ୍ପ କାର୍ଯ୍ୟ ପାଇଁ ଖୋଳାଯାଇଥିବା ବ୍ରଜନଗର ତୃତୀୟ ଗଳି ରାସ୍ତା ତୁରନ୍ତ ମରାମତି କରାଯିବାକୁ ଦାବି ହୋଇଛି । ଏନେଇ ସୋମବାର ବ୍ରଜନଗର ଉନ୍ନୟନ ପରିଷଦ ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜାନିବିଲି ଜଳଯୋଗାଣ ପ୍ରକଳ୍ପ ପାଇପ୍‌ଲାଇନ୍ ବିଛାଇବା ପାଇଁ ଏଲ୍‌ଆଣ୍ଡଟି ସଂସ୍ଥା ପକ୍ଷରୁ ରାସ୍ତା ଖୋଳାଯାଇଛି । କିନ୍ତୁ ପାଇପ୍‌ଲାଇନ୍ ବିଛାଯିବାର ଦୀର୍ଘ ମାସ ପରେ ମଧ୍ୟ ସମ୍ପୃକ୍ତ ସଂସ୍ଥା ରାସ୍ତା ମରାମତି କରିବା ଦିଗରେ ଅବହେଳା କରୁଛି । ଫଳରେ ବ୍ରଜନଗର ତୃତୀୟ ଗଳି ଦେଇ ଭାବିନୀପୁର ରୋଡ୍‌କୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି । ଅନ୍ୟପକ୍ଷରେ ବ୍ରଜନଗର ପ୍ରଥମ ଗଳିକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ନିର୍ମିତ ବ୍ରହ୍ମାନଗର, ବୈକୁଣ୍ଠନଗରର ଡ୍ରେନ୍‌କୁ ନିଷ୍କାସନ କରାଯାଇଛି। ଯାହାଦ୍ୱାରା ଉକ୍ତ ଅଞ୍ଚଳର ନର୍ଦ୍ଦମାଜଳ ବ୍ରଜନଗର ପ୍ରଥମ ଗଳିରେ ଜମି ରହୁଛି । ଏହି ଡ୍ରେନ୍‌ର ଦିଗ ପରିବର୍ତ୍ତନ ଦିଗରେ ଦୃଷ୍ଟିଦେବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି । ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବ୍ରଜନଗର ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପରିଷଦ ସଭାପତି ବଂଶୀଧର ପାଢୀ, ଶୀଲା ବୈରୀ, ତ୍ରିନାଥ ପଟ୍ଟନାୟକ, ଶିବପ୍ରସାଦ ମିଶ୍ର, ବିଭି ସାଗର, ଟି.ସୁଦେଶ କୁମାର ପାତ୍ର, ବି. ସୁଦର୍ଶନ ପାତ୍ର ଓ ହରିହର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ମହିଳା ଏମ୍‌କେସିଜିରେ ଭର୍ତ୍ତି, ୨ ଗୁରୁତର

**ବ୍ରହ୍ମପୁର ଅଫିସ,୩।୨**

**ଚିଲିକା ଡଙ୍ଗା ବୁଡ଼ି ଘଟଣା**





ଏମ୍‌କେସିଜିରେ ଆହତ ବାସନ୍ତୀ । ଆହତ ରୀନା ଜାଲି ।

ଚିଲିକା ଡଙ୍ଗା ବୁଡି ଘଟଣାରେ ଆହତ ହୋଇଥିବା ୩ ଜଣ ମହିଳା ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ରହିଛନ୍ତି। ସେମାନେ ହେଲେ ଚିଲିକା ଥାନା ଅନ୍ତର୍ଗତ ତୁଟାପଡାର ଶୁକଦେବ ଭୁଜବଳଙ୍କ ସ୍ତ୍ରୀ ବାସନ୍ତୀ(୩୦) ଓ ତାଙ୍କ ମା’ ବାଲୁଗାଁ ଥାନା ଅନ୍ତର୍ଗତ ଆଙ୍କୁଲା ଗ୍ରାମର ଅଗାଡ଼ି ଦଳାଇ (୬୧)। ଏମ୍‌କେସିଜି ମେଡିକାଲ ଭେଷଜ ବିଭାଗର ୮୨୧ ନମ୍ବର ବେଡ୍‌ରେ ବାସନ୍ତୀ ଚିକିତ୍ସିତ ହେଉଛନ୍ତି। ତାଙ୍କ ମା’ ଅଗାଡ଼ି ଏବେ ଭେଷଜ ବିଭାଗ ଆଇସିୟୁରେ ଭର୍ତ୍ତି ହେଉଛନ୍ତି।

ସେହିପରି ଅନ୍ୟ ଜଣେ ମହିଳା ରୀନା ଜାଲି (୩୫) ଭେଷଜ ବିଭାଗର ବେଡ୍ ନମ୍ବର ୮୨୨ରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ରହିଛି। ବାସନ୍ତୀଙ୍କୁ ସାଲାଇନ ଦିଆଯାଉଛି। ବାସନ୍ତୀ ଭୁଜବଳଙ୍କ କହିବା ଅନୁଯାୟୀ, କାଳିଜାଇଙ୍କ ପାଖରେ ତାଙ୍କ ସାନପୁଅ ପ୍ରିୟାଂଶୁଙ୍କ ମୁଣ୍ଡନ କାର୍ଯ୍ୟକ୍ରମ ରହିଥିଲା। ଏଣୁ କେତେଜଣ ସମ୍ପର୍କୀୟଙ୍କୁ ନେଇ ରବିବାର କାଳିଜାଇଙ୍କ ଦର୍ଶନ ପାଇଁ ଆମେ ସମସ୍ତେ ଯାଇଥିଲୁ। ପୁଅର ମୁଣ୍ଡନ ଓ ମା’ଙ୍କ ଦର୍ଶନ ପରେ ଆମେ ସମସ୍ତେ ଘରକୁ ଡଙ୍ଗାରେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଡଙ୍ଗାଟି ପାଣିରେ ବୁଡିବା ଆରମ୍ଭ ହେବା କ୍ଷଣି ମୁଁ ଭୟଭୀତ ହୋଇଯାଇଥିଲି। ମୁଁ ପାଣିରେ ଅନ୍ୟମାନଙ୍କ ଭଳି ଭାସୁଥିଲେ ମଧ୍ୟ ମୋର ସାନପୁଅ ପ୍ରିୟଂଶୁ ଓ ବଡ ପୁଅ ଅବିନାଶଙ୍କୁ ବଞ୍ଚାଇବାକୁ କାଳିଜାଇଙ୍କୁ ସ୍ମରଣ କରିଥିଲି। ଅନ୍ୟ ଡଙ୍ଗା ବାଲାଙ୍କ ସହାୟତାରେ ଆମେ ଚିଲିକା ପାନ୍ଥନିବାସରେ ପହଞ୍ଚିଥିଲୁ। ମୋର ୨ ପୁଅଙ୍କୁ ଦେଖି ନ ଥିଲେ ମଧ୍ୟ ସେମାନେ ସୁସ୍ଥ ଥିବା ଶୁଣିବାକୁ ମିଳୁଛି ବୋଲି ସେ କହିଛନ୍ତି। ମୋର ସ୍ୱାମୀ ସୁରଟରେ କାମ କରୁଥିବା ବେଳେ ମୁଁ ଏବେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛି। ସେପଟେ ଗାଁ ଲୋକଙ୍କ ପାଖରେ ମୋର ୨ ପୁଅ ଅଛନ୍ତି ବୋଲି ସେ କହିଛନ୍ତି।

ସେହିପରି ରୀନା ଜାଲିଙ୍କ କହିବା ଅନୁସାରେ ଡଙ୍ଗାଟିରେ ପାଣି ପଶିଯିବାରୁ ତାହା ବୁଡିଯାଇଥିଲା। ଆମେ ସମସ୍ତେ ଏହା ଦେଖି ଭୟଭୀତ ହେବା ସହ ପ୍ରାଣ ବଞ୍ଚାଇବା ପାଇଁ ଚିତ୍କାର କରିଥିଲୁ। ଚିଲିକାରୁ ଅନ୍ୟ ଯାତ୍ରୀଙ୍କୁ ଧରି ଫେରୁଥିବା କେତେକ ଡଙ୍ଗାବାଲାଙ୍କ ସହାୟତାରେ ଆମେ କୂଳକୁ ଫେରିଥିଲୁ। ଡଙ୍ଗାଟି ବୁଡିବାକୁ ଲାଗିଥିଲା। ସେଥିରେ ଥିବା ୨ ଗୋଟି ଆହୁଲା ସହାୟତାରେ ଛୋଟ ପିଲା ଓ କେତେଜଣ ମହିଳା ଜୀବନ ବଞ୍ଚାଇବାକୁ ସଂଘର୍ଷ କରିଥିଲେ। କେତେଜଣ ପୁରୁଷ ପହଁରିଥିଲେ। ନିକଟରେ ଥିବା କିଛି ଯାତ୍ରୀବାହୀ ଡଙ୍ଗା ସହାୟତାରେ ଆମେ କୂଳକୁ ଫେରିଥିଲୁ ବୋଲି ରୀନା କହିଛନ୍ତି। ଏ ସମ୍ପର୍କରେ ଏମ୍‌କେସିଜି ଅଧୀକ୍ଷକ ସନ୍ତୋଷ କୁମାର ମିଶ୍ର କହିଛନ୍ତି, ସମସ୍ତଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଉଛି। ଜଣେ ବୃଦ୍ଧା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲିଛି । ଅନ୍ୟପଟେ ଚିଲିକା ତହସିଲଦାର ଶରତ ମହାପାତ୍ର କହିଛନ୍ତି, ବେଆଇନ ଭାବେ ମାଛଧରା ଡଙ୍ଗାରେ ୨୨ ଜଣ ମହିଳା ଓ ପୁରୁଷ କାଳିଜାଇ ଦର୍ଶନ ପାଇଁ ଯାଇଥିଲେ। ସେଠାରୁ ସେମାନେ ଫେରିବା ବେଳେ ଡଙ୍ଗାଟିର କ୍ଷମତାଠାରୁ ଅଧିକ ଯାତ୍ରୀ ଥିବାରୁ ତାହା ବୁଡିଯାଇଥିଲା। ଡଙ୍ଗାଟିରେ ଯାତ୍ରୀଙ୍କ ପାଇଁ ଲାଇଫ ଜ୍ୟାକେଟ ନ ଥିବା ବେଳେ ଡଙ୍ଗା ଲାଇସେନ୍ସ ଓ ଇନ୍‌ସ୍ୟୁରାନ୍ସ ନ ଥିବା ସେ କହିଛନ୍ତି। ଏନେଇ ସେ ବାଲୁଗାଁ ଥାନାରେ ଅଭିଯୋଗ କରାଯାଇଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଫେବୃୟାରୀ ୪/୨୦୨୦ Berhampur, Tuesday, February 4/ 2020

## ସଂକ୍ଷେପରେ

### ନାଳରୁ ଜବରଦଖଲ ଉଚ୍ଛେଦ ଦାବି

ଫୁଲବାଣୀ ଅଫିସ, ୩।୨- ଫୁଲବାଣୀ ସହର ୧୧ନଂ .ୱାର୍ଡ ଦଧିବାମନ ସାହିରେ ଯାଇଥିବା ନାଳକୁ ଲୋକେ ଜବରଦଖଲ କରି ଘର କରିଲେଣି । ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଘରେ ପଶୁଛି । ଏ ନେଇ ବାରମ୍ଵାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ । ତେଣୁ ବାଧହୋଇ ସାହିବାସୀ ସୋମବାର ଜିଲାପାଳଙ୍କୁ ଭେଟିବାକୁ ଆସଥିବା ପ୍ରକାଶ କରିଛନ୍ତି। ନାଳ ଜବରଦଖଲ ସମସ୍ୟା ନେଇ ପୂର୍ବରୁ ବହୁବାର ପୌର ପରିଷଦର ଅଧିକାରୀଙ୍କୁ ଭେଟିଥିଲେ ସୁଫଳ ମିଳିନି ବୋଲି ବହୁ ସଂଖ୍ୟାରେ ସାହିବାସୀ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିକୁ ଆସି ପ୍ରକାଶ କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା କହିଛନ୍ତି, ଯନ୍ତ୍ରୀ ଯାଇ ସ୍ଥିତ ଅନୁଧ୍ୟାନ କରିଛନ୍ତି। ଖୁବଶୀଘ୍ର ନାଳ ଜବରଦଖଲ ଉଚ୍ଛେଦ କରାଯିବ ।

### କୁଟିବାରୀରେ ପାନୀୟଜଳ ସମସ୍ୟା

ଫୁଲବାଣୀ ଅଫିସ, ୩।୨- ଖଜୁରିପଡା ବ୍ଲକ ଗୁଦାରୀ ପଞ୍ଚାୟତର କୁଟିବାରୀ ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଗ୍ରାମ ନିକଟରେ ଯାଇଥିବା ନାଳପାଣିକୁ ଏବେ ବି ବାଧ୍ୟରେ ବ୍ୟବହାର କରିବାକୁ ପଡୁଛି। ଗ୍ରାମରେ ପ୍ରାୟ ୮୦ ପରିବାର ବସବାସ କରୁଛନ୍ତି। ଗ୍ରାମରେ ନଳକୂପ ନାହିଁ । ନାଳର ଦୂଷିତ ପାଣି ବ୍ୟବହାର କରୁଥିବାରୁ ଅନେକ ସମୟରେ ଲୋକେ ଝାଡାବାନ୍ତି, ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ସମସ୍ୟା ନେଇ ବହୁବାର ବ୍ଲକ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲେ ବି ସମସ୍ୟା ସମାଧାନ ପାଇଁ କିଛି ପଦକ୍ଷେପ ନିଆଯାଇ ନାହିଁ ବୋଲି ଗ୍ରାମବାସୀ ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

### ନାବାଳକଙ୍କ ଚିକିତ୍ସାରେ ଅର୍ଥ ବାଧକ

ଫୁଲବାଣୀ ଅଫିସ, ୩।୨- ଟିକାବାଲି ଥାନା ଅନ୍ତର୍ଗତ ପାଣ୍ଡୁଗୁଡା ଗ୍ରାମର ଜଣେ ନାବାଳକଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଗ୍ରାମର ସୁମନ୍ତ କୁମାର ନାୟକଙ୍କ ୬ ବର୍ଷୀୟ ପୁଅ ରାହୁଲ ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ । ଚଲାବୁଲା କରିପାରୁ ନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଯାଇଥିଲା। ଅଧିକ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ। ଜିଲା ବାହାର ଚିକିତ୍ସାଳୟକୁ ନେବା ପାଇଁ ଡାକ୍ତର କହୁଛନ୍ତି। ପୁଅକୁ ଅନ୍ୟତ୍ର ଚିକିତ୍ସା କରାଇବାକୁ ଏତେ ଟଙ୍କା କେଉଁଠୁ ଆଣିବେ ବୋଲି ସୁମନ୍ତ କହିବା ସହ ନିଜ ଅସହାୟତା ପ୍ରକାଶ କରିଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଆସି ସେ ଅଧିକ ଅର୍ଥ ଏବଂ ପୁଅ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ହତ୍ୟା ଧମକ ମାମଲା, ଅଭିଯୁକ୍ତ ଗଲେ ଜେଲ

ପାଟପୁର,୩।୨-ପାଟପୁର ଥାନା ଧର୍ମପୁର ଗ୍ରାମର ଧ୍ରୁବ ନାୟକଙ୍କ ବାପା ସୀମାଞ୍ଚଳ ନାୟକଙ୍କୁ ମାଡ଼ ମାରି ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ରବିବାର ପାଟପୁର ଥାନାରେ ଅଭିଯୋଗ ହୋଇଥିଲା। ଧ୍ରୁବଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ ୨୩/୨୦ ରେ ମାମଲା ରୁଜୁକରି ପ୍ରକାଶ ନାୟକଙ୍କୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଶନିବାର ସନ୍ଧ୍ୟା ପ୍ରାୟ ୭ ଟାରେ ପ୍ରକାଶ ନାୟକ ଧ୍ରୁବଙ୍କ ଘର ଦାଣ୍ଡକୁ ଆସି ଗାଳିଗୁଲଜ କରିଥିଲେ। ଧ୍ରୁବଙ୍କ ବାପା ସୀମାଞ୍ଚଳ ନାୟକ ତାଙ୍କୁ ବୁଝାଶୁଝା କରିବାରୁ ପ୍ରକାଶ ମାଡ଼ ମାରିଥିଲେ । ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି।

### ଗାଡ଼ି ଧକ୍କାରେ ଚାଷୀ ଆହତ

ପାଟପୁର,୩।୨-ପାଟପୁର ଥାନା ରାମଚନ୍ଦ୍ରପୁର ଛକ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଏକ ଗାଡି ଧକ୍କାରେ ଜଣେ ଚାଷୀ ଆହତ ହୋଇଛନ୍ତି। ସେ ହେଲେ ରାମଚନ୍ଦ୍ରପୁର ଗ୍ରାମର ରତ୍ନାକର ବେହେରା। ରତ୍ନାକର ଭାଲ୍ୟାଝୋଲା ଗ୍ରାମ ନିକଟରେ ଥିବା ବିଲରେ କାମ ସାରି ଘରକୁ ଫେରୁଥିବା ବେଳେ ଗୋଟିଏ ଗାଡି ତାଙ୍କୁ ଧକ୍କାଦେଇଥିଲା। ସେଠାରେ ସେ ପଡିଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ୬୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଉଦ୍ଧାରକରି ଶେରଗଡ଼ ଦମକଳ ବାହିନୀକୁ ଖବର ଦେଇଥିଲେ। ଶେରଗଡ଼ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରତ୍ନାକରଙ୍କୁ ଉଦ୍ଧାରକରି ଶେରଗଡ଼ ଡାକ୍ତରଖାନରେ ଭର୍ତ୍ତି କରିଥିଲେ।

# ଠାକୁରାଣୀ ଲୁହାପଥର ଖଣି ହାତେଇଲା ଆର୍ସେଲର ମିତ୍ତଲ

**ଫେବୃୟାରୀ ୧୮ ସୁଦ୍ଧା ୧୯ ଖଣିର ନିଲାମ ଶେଷ କରିବା ଲକ୍ଷ୍ୟ**

ଭୁବନେଶ୍ଵର,୩।୨(ବ୍ୟୁରୋ)

ସୁନ୍ଦରଗଡ଼ ଜିଲାରେ ଥିବା ଠାକୁରାଣୀ ଲୁହାପଥର ଖଣିକୁ ହାତେଇବାରେ ଆର୍ସେଲ ମିତ୍ତଲ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସଫଳ ହୋଇଛି। ଏହି ଖଣିର ଲୁହାପଥର ବିକ୍ରି ମୂଲ୍ୟର ୧୦୭.୫୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ସର୍ତ୍ତରେ ଏହି ଖଣି ଆର୍ସେଲର ମିତ୍ତଲକୁ ମିଳିଛି। ଏହାଛଡ଼ା କମ୍ପାନୀ ଟିକସ ପଇଠ କରିବା ସହ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମ୍ଏଫ୍) ଏବଂ ଖଣି ସମ୍ପର୍କିତ ଅନ୍ୟାନ୍ୟ ଦେୟ ଦେବାକୁ ରାଜି ହୋଇଛି। ଠାକୁରାଣୀ ଲୁହାପଥର ବ୍ଲକରେ ୧୭୯ ନିୟୁତ ଟନ୍ ଲୁହାପଥର ଥିବା ଆକଳନ କରାଯାଇଛି। ଏହି ନିଲାମ ପ୍ରକ୍ରିୟାରେ ୧୦ଟି କମ୍ପାନୀ ଅଂଶଗ୍ରହଣ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଆମଲ୍ଗାମ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍, ଜେଏସ୍‌ପିଏଲ, ବିଆରପିଏଲ୍, କେଜେଏସ୍ ଆଲୁୱାଲିଆ, ଆର୍ସେଲ ମିତ୍ତଲ ଏବଂ ଓଡ଼ିଶା ମେଟାଲିକ୍ସ ନିଲାମର ବେସ୍ ପ୍ରାଇସ୍ ୭୨.୪ ପ୍ରତିଶତ ଭିତରେ ରହିଥିଲା। ଏହା ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ନୂଆଗାଁ ଓ ନାରାୟଣପୋଷି ଲୁହାପଥର ଖଣି ହାତେଇଛି। ଏହି ଦୁଇଟି ଖଣିରେ ମୋଟ୍ ୯୮୦ ନିୟୁତ ଟନ୍ ଲୁହାପଥର ଥିବା କୁହାଯାଇଛି। ନୂଆଗାଁ ଲୁହାପଥର ଖଣିରେ ପ୍ରାୟ ୭୯୦ ନିୟୁତ ଟନ୍ ଲୁହାପଥର ଗଚ୍ଛିତ ଥିବାବେଳେ ନାରାୟଣପୋଷି ଲୁହାପଥର ବ୍ଲକରେ ୧୯୦ ନିୟୁତ ଟନ୍ ରହିଥିବା ଆକଳନ କରାଯାଇଛି। ଏହାପରେ ବଳଦା ଲୁହାପଥର ଖଣି ନିଲାମ ହେବାର ଅଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଲିଜ୍ ଅବଧି ଶେଷ ହେଉଥିବା ୧୯ଟି ଖଣିର ନିଲାମ ପ୍ରକ୍ରିୟା ଚାଲିଛି। ସମସ୍ତ ଖଣିର ନିଲାମ ଫେବୃୟାରୀ ୧୮ ସୁଦ୍ଧା ଶେଷ ହେବା ପରେ ନିଲାମଧାରୀଙ୍କୁ ଲେଟର ଅଫ ଇଣ୍ଟେଣ୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସବୁ ନିଲାମ ହେଉଥିବାରୁ ରାଜ୍ୟ ସରକାର ନିଶ୍ଚିତ ଭାବେ ଲାଭବାନ୍ ହେଉଛନ୍ତି। ରାଜ୍ୟ ରାଜକୋଷକୁ ରୟାଲ୍ଟି ଆକାରରେ ଯେତିକି ପ୍ରତିଶତ ପୂର୍ବରୁ ମିଳୁଥିଲା, ତାହାଠାରୁ ଯଥେଷ୍ଟ ଅଧିକ ଏବେ ମିଳିବ। ଅନ୍ୟପଟେ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରଭାବର ଅନୁକମ୍ପା ହେତୁ ୨ ଖଣି ମାଲିକ ଓଡ଼ିଶାର ରକ୍ତ ଶୋଷି ଅତ୍ୟନ୍ତ ଲାଭବାନ ହେଉଛନ୍ତି। ପ୍ରଥମଟି ହେଲା ଟାଟା ଏବଂ ୨ୟଟି ହେଲା ପଟ୍ଟନାୟକ ଖଣି କମ୍ପାନୀ। ଏହି ଦୁହିଁଙ୍କ ପାଖରେ ଲାଭ ଦାୟକ ଖଣି ରହିଥିବା ସତ୍ତ୍ୱେ ସେମାନଙ୍କୁ ବର୍ଦ୍ଧିତ ରୟାଲଟି ଦେବାକୁ ପଡୁ ନାହିଁ। ଏହା ଦ୍ୱାରା ରାଜ୍ୟବାସୀଙ୍କ କ୍ଷତି ଘଟୁଛି। ଓଡ଼ିଶାର ଜଙ୍ଗଲ ହାନୀ ସହିତ ପ୍ରାକୃତିକ ସମ୍ପଦ ହରିଲୁଟ ମଧ୍ୟ ହେଉଛି। ପୂର୍ବରୁ ନିଲାମ ପ୍ରକ୍ରିୟାକୁ ବାତିଲ କରିଦେଇପାରୁଥିବା ରାଜ୍ୟ ସରକାର ଏହି ଟାଟା ଏବଂ ପଟ୍ଟନାୟକ ୨କମ୍ପାନୀଙ୍କୁ କାହିଁକି ସାହାର୍ଯ୍ୟ କରୁଛନ୍ତି ତାହା ପରବର୍ତ୍ତୀ ସମୟରେ ବୁଝାପଡ଼ିବ।

## ଦାରିଙ୍ଗବାଡ଼ିରେ କୋହଲା ପାଗ, ଝିପିଝିପି ବର୍ଷା



ଜାତୀୟ ରାଜପଥ କଡ଼ରେ ଲୋକେ ନିଆଁ ଚାରିପାଖେ ବସିଛନ୍ତି।

ଦାରିଙ୍ଗବାଡ଼ି,୩।୨(ଡି.ଏନ.ଏ)

ଦାରିଙ୍ଗବାଡ଼ିରେ ଗତ ୩ ଦିନ ହେଲା କୋହଲା ପାଗ ଲାଗି ରହିଛି। ସୋମବାର ଦିନତମାମ୍ କୋହଲା ପବନ, ଝିପି ଝିପି ବର୍ଷା ଲାଗି ରହିଥିବାରୁ ଶୀତ ବୃଦ୍ଧି ପାଇଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । କୋହଲା ପାଗ ଯୋଗୁ ଜରୁରୀ କାର୍ଯ୍ୟ ନ ଥିଲେ ଲୋକେ ଘରୁ ବାହାରୁ ନ ଥିବା ବେଳେ ବଜାରରେ ମଧ୍ୟ କମ ଭିଡ଼ ଦେଖାଯାଇଛି। ସେହିପରି ପାଗ ଖରାପ ଯୋଗୁ କେତେକ ସ୍ଥାନରେ ପରିବା ନଷ୍ଟ ହେବା ଆଶଙ୍କା ରହିଛି। ଦିନରେ ଅଧିକ ଥଣ୍ଡା ଅନୁଭୂତ ହେଉଥିବାରୁ ଲୋକେ ବିଭିନ୍ନ ସ୍ଥାନରେ ନିଆଁ ଚାରିପାଖେ ବସୁଥିବା ଦେଖାଯାଉଛି। ବ୍ଲକର ବ୍ରାହ୍ମଣୀଗାଁ ସମେତ କାଟିଙ୍ଗିଆ, ଗଦାପୁର, ତାଜୁଙ୍ଗିଆ, ସିଆଙ୍ଗବାଲି, ଭ୍ରମରବାଡ଼ି, ଦାସିଂବାଡ଼ି, ଗ୍ରିନବାଡ଼ି, ଦାରିଙ୍ଗବାଡ଼ି, ସିମନବାଡ଼ି, ଶ୍ରୀନିକେତା ଆଦି ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି।

## ବରିଷ୍ଠ ନାଗରିକଙ୍କୁ ମିଳୁନି ପ୍ରମାଣପତ୍ର

**ଏସ୍‌ଡିପିଓଙ୍କୁ ଜଣାଇଲା ଅବସରପ୍ରାପ୍ତ କର୍ମଚାରୀ ସଂଘ**

ଭଞ୍ଜନଗର,୩।୨(ଡି.ଏନ.ଏ.)

ବରିଷ୍ଠ ନାଗରିକମାନଙ୍କୁ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ ସରକାର ପଦକ୍ଷେପ ନେଇଛନ୍ତି। ହେଲେ ବରିଷ୍ଠ ସେମାନଙ୍କୁ ଚିହ୍ନଟ କରି ତୁରନ୍ତ ପ୍ରମାଣପତ୍ର ଦିଆଯାଇ ପାରୁନାହିଁ। ଭଞ୍ଜନଗର ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକଙ୍କ ପ୍ରମାଣପତ୍ର ନ ଥିବାରୁ ସେମାନେ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ସୋମବାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ସ୍ଥାନୀୟ ତହସିଲଦାର ଆଲୋକ କୁମାର ପ୍ରଧାନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଂଘ ସଭାପତି ବିଭୂତି ଭୂଷଣ ଜେନା, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ପର୍ଶୁରାମ ସ୍ୱାଇଁ, କୈଳାସ ଚନ୍ଦ୍ର ଭୋଳ, ଶୁଳପାଣି ଶତପଥୀ, ଚରଣ ପ୍ରଧାନ, ଅଭିମନ୍ୟୁ ଭୂୟାଁ ପ୍ରମୁଖ ତହସିଲଦାରଙ୍କୁ ଭେଟିଥିଲେ। ପରେ ସେମାନେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ରଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ବରିଷ୍ଠ ନାଗରିକ ପ୍ରମାଣପତ୍ର ପ୍ରଦାନ କରିବା ପାଇଁ ସେମାନେ ଏସ୍‌ଡିପିଓଙ୍କୁ ଗୁହାରି ଜଣାଇଥିଲେ। ସଂଘର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ଯେ, ପୂର୍ବରୁ ଭଞ୍ଜନଗର ଅଞ୍ଚଳର ୭୦ ଜଣଙ୍କୁ ବରିଷ୍ଠ ନାଗରିକ ପ୍ରମାଣପତ୍ର ମିଳିଛି । ବର୍ତ୍ତମାନ ଶତାଧିକ ବରିଷ୍ଠ ନାଗରିକ ପ୍ରମାଣପତ୍ର ପାଇଁ ଥାନାକୁ ବାରମ୍ବାର ଦୌଡୁଛନ୍ତି। ତଥାପି ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ଧାନ ଉଠାଉନି ମଣ୍ଡି, ଚାଷୀଙ୍କ ଅସନ୍ତୋଷ

ସୋରଡା, ୩।୨(ଡି.ଏନ୍.ଏ.)

ସୋରଡା ବ୍ଲକ ନୂଆଗଡ଼ ଗ୍ରାମରେ ଚାଷୀଙ୍କ ଧାନ ମଣ୍ଡି ଉଠାଉ ନାହିଁ। ଫଳରେ ଋଣ କରି ଅମଳ କରିଥିବା ଧାନକୁ ଚାଷୀମାନେ ଖଳାରେ ରଖି ହଟହଟା ହେଉଛନ୍ତି। ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ମଣ୍ଡି ଖୋଲାଯାଇଛି। କିନ୍ତୁ ନୂଆଗଡ଼ରେ ମଣ୍ଡିରେ ନାମ ଥାଇ ମଧ୍ୟ ଟୋକନ ନ ମିଳିବାରୁ ଚାଷୀଙ୍କ ଧାନ ଉଠି ପାରୁ ନାହିଁ। ଗ୍ରାମର ୨୬୯ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଛି, କିନ୍ତୁ ୬ ରୁ ୭ ଜଣଙ୍କୁ ଟୋକନ ମିଳିଛି। ଚାଷୀଙ୍କଠାରୁ ୨୦୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ମଣ୍ଡିରେ ଆସିଥିବା ବେଳେ ବର୍ତ୍ତମାନ ୧୦୦୦ କୁଇଣ୍ଟାଲ ଧାନ କିଣାଯାଇଛି। ବର୍ତ୍ତମାନ ସୋରଡ଼ା ବ୍ଲକରେ ୧ ଲକ୍ଷ ୨୭ ହାଜର କୁଇଣ୍ଟାଲ ଧାନ କିଣାଯାଇଛି। ଆହୁରି ୧ ଲକ୍ଷ କୁଇଣ୍ଟାଲ ଧାନ ଚାଷୀଙ୍କ ପାଖରେ ପଡ଼ି ରହିଛି। ଗତ ବର୍ଷ ୨ ଲକ୍ଷ ୫ ହଜାର କୁଇଣ୍ଟାଲ ଧାନ କିଣାଯାଇଥିଲା। ଏ ନେଇ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଚାଷୀ ସୋରଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଯୋଗାଣ ଅଧିକାରୀଙ୍କୁ ମଧ୍ୟ ଭେଟିଥିଲେ। ୩ ଦିନ ମଧ୍ୟରେ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ସପ୍ତାହ ଭିତରେ ଧାନ ନ ଉଠିଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ଭୀମସେନ ଜେନା ଓ ବାଇନାଥ ଗୌଡ଼ କହିଛନ୍ତି।

## ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ କଲେଜ ପରିଦର୍ଶନ



କର୍ମଚାରୀଙ୍କ ସହ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଆଲୋଚନା କରୁଛନ୍ତି ।

ଭଞ୍ଜନଗର,୩।୨(ଡି.ଏନ.ଏ)

ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ସୋମବାର ପୂର୍ବାହ୍ନରେ ଅଚାନକ ଭଞ୍ଜନଗର କେଏସ୍‌ୟୁବି କଲେଜ ପରିଦର୍ଶନ କରିଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକଙ୍କୁ ପରାମର୍ଶ ଦେଇଥିଲେ। ନାକ୍ ଓ କାପା କାର୍ଯ୍ୟ ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରିଥିଲେ। ନାକ୍ ଓ କାପା କାମ ନିର୍ଦ୍ଧାରିତ ସମୟରେ ହୋଇ ନ ପାରିଲେ କଲେଜକୁ ଅନୁଦାନ ମିଳିପାରିବ ନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଗସ୍ତ ବେଳେ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି, ପ୍ରାଧ୍ୟାପକ ସୁକାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କରୋନା ସମ୍ପର୍କିତ ସଚେତନତା

ରାଇକିଆ,୩।୨(ଡି.ଏନ.ଏ)



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ବୃନ୍ଦ ।

ରାଇକିଆ ବ୍ଲକ ସଭାଗୃହଠାରେ ସୋମବାର ପ୍ରାଣଘାତୀ କରୋନା ଭୂତାଣୁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଚିନ୍ମୟ ପ୍ରଧାନ ଏବଂ ପ୍ରାଣୀ ଚିକିତ୍ସକ ସବିର ପ୍ରଧାନ ଯୋଗଦେଇ କରୋନାର ଭୟାବହତା, କାରଣ, ଲକ୍ଷଣ ଏବଂ ନିରାକରଣ ସମ୍ବନ୍ଧରେ ସଚେତନ କରାଇଥିଲେ । ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ସାହାରା ସମ୍ପାଦକ ସୁକାନ୍ତ ନାୟକ, ଜିପିଓ ରଜନୀ କାନ୍ତ ମିଶ୍ର, ଏପିଓ କେଦାର ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ, ସମସ୍ତ ସରପଞ୍ଚ, ସମିତିସଭ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଆଶା କର୍ମୀମାନଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା ।

## ବସ୍‌ଷ୍ଟାଣ୍ଡରୁ ମୃତଦେହ ଉଦ୍ଧାର

ଭଞ୍ଜନଗର,୩।୨(ଡି.ଏନ.ଏ)

ଭଞ୍ଜନଗର ବସ୍‌ଷ୍ଟାଣ୍ଡରୁ ସୋମବାର ପୂର୍ବାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଭଞ୍ଜନଗର ପୋଲିସ ତାହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଦେଇଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିଲେ ମଧ୍ୟ ସେ କିଛିମାସ ହେବ ଏହି ଅଞ୍ଚଳରେ ଭିକ୍ଷାବୃତ୍ତି କରି ଚଳୁଥିଲେ । ସ୍ୱାସ୍ଥ୍ୟଗତ କାରଣ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ।

## ‘ଗଞ୍ଜାମ କଳା, ସଂସ୍କୃତି, ସଭ୍ୟତାର ସହର’

**ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ**

ଗଞ୍ଜାମ,୩।୨(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଭାରତୀ ବିଦ୍ୟାପୀଠ ମିନିଷ୍ଟାଡିୟମରେ ରବିବାର ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉଦଘାଟନୀ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଗଞ୍ଜାମ ହେଉଛି କଳା ସଂସ୍କୃତି ଓ ସଭ୍ୟତାର ସହର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଭିନେତା ଡ଼. ରାମକୃଷ୍ଣ ସାହୁ, ଏସଏମଆଇଟି ଅଧ୍ୟକ୍ଷା ଡ଼. ମଞ୍ଜୁପ୍ରଭା ଦାସ, ଆଲୁମିନିୟମ କମ୍ପାନୀ ନିର୍ଦ୍ଦେଶକ ମହେଶ୍ୱର ବେହେରା, ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ (ମହାରାଷ୍ଟ୍ର) ଅକ୍ଷ ନିପାଣୀ, ଅନ୍ୟତମ ସଂଯୋଜକ ଅଶୋକ କୁମାର ଦାସ, ଅର୍ଥ ସମ୍ବଳ ଅଧିକାରୀ (ଏନୱାଇକେ) ସୁଦାମ ଚରର ସାବତ ମଞ୍ଚାସୀନ ଥିଲେ। ଆୟୋଜକ ତଥା ଦିଗବିଜୟୀ ୟୁଥ୍ କ୍ଲବ ସଭାପତି ଉମାକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ବିଜୟ ଲକ୍ଷ୍ମୀ ମହାକୁଡ଼ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ସ୍ୱର୍ଗତ ରଘୁନାଥ ବେହେରାଙ୍କ ରଚିତ ଋଷିକୁଲ୍ୟା କାବ୍ୟ ଉନ୍ମୋଚିତ ହୋଇଥିଲା। ଜିଲାର ବିଭିନ୍ନ ବ୍ଲକର ଛାତ୍ରୀଛାତ୍ର, ଯୁବତୀ ଯୁବକଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ଆଦି ନୃତ୍ୟ ଓ ସଂଗୀତ ପରିବେଷଣ ହୋଇଥିଲା। ଉଦଯାପନୀରେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅମର ପ୍ରସାଦ ବିଶୋଇ ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ଖବରଦାତା ପ୍ରକାଶ ପଟ୍ଟନାୟକ, ପୂର୍ବତନ ଏମପି ପ୍ରତିନିଧି ସୁଧୀର ପାତ୍ରୀ ଓ ଜିଲା କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରା, ପ୍ରେସ କ୍ଲବ ସଭାପତି ଶବର ତରାଇ, ସହ ସମ୍ପାଦକ ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ନେଇ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳା ।

ଖଜୁରିପଡ଼ା,୩।୨(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ସୁଡୁକୁମ୍ପା ପଞ୍ଚାୟତ ଜକ୍ରେଜୁ ଗ୍ରାମକୁ ୧୫୭ ନଂ. ଜାତୀୟ ରାଜପଥଠାରୁ ସଂଯୋଗ ହୋଇଥିବା ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଥିଲେ ମଧ୍ୟ କାମ ଆରମ୍ଭ କରାଯାଉନାହିଁ। ଏଥିପାଇଁ ସୋମବାର ଉକ୍ତ ଗ୍ରାମବାସୀ ଜିଲାପାଳ ଡ.ବୃନ୍ଦାଡ଼ିଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟାଳୟ ଯାଇ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ କହିଥିଲେ। ୭ ଦିନ ମଧ୍ୟରେ ରାସ୍ତାର ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଗ୍ରାମର ମହିଳାମାନେ କହିଛନ୍ତି। ପ୍ରକାଶ ଯେ, ଜକ୍ରେଜୁ ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ନିର୍ବାଚନ ସମୟରେ ପ୍ରଚାର କରିବାକୁ ଏହି ଅଞ୍ଚଳକୁ ଆସିଥିଲେ। ଏହି ରାସ୍ତା ଦେଖି ଗ୍ରାମବାସୀଙ୍କୁ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୨୦୧୯-୨୦ ଆର୍ଥିକ ବର୍ଷରେ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ରାସ୍ତା ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଥିଲେ। କିନ୍ତୁ ମଞ୍ଜୁର ହୋଇଥିବା ପ୍ରକଳ୍ପ ତାଲିକାରେ ଜକ୍ରେଜୁ ବଦଳରେ ସୁଡ୍ରେଜୁ ପଞ୍ଚାୟତର ନାମ ଉଲ୍ଲେଖ ରହିଥିଲା। ଏଥିଲାଗି ନିର୍ମାଣ କାମ ହୋଇପାରୁ ନ ଥିବା ବେଳେ ପୁନର୍ବାର ସୁଡୁକୁମ୍ପା ପଞ୍ଚାୟତର ନାଁ ଉଲ୍ଲେଖ କରାଯିବାକୁ ଫାଇଲ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧୀନରେ ସରକାରଙ୍କ ପାଖକୁ ପଠାଯାଇଛି ବୋଲି ବିଡିଓ ରବୀନ୍ଦ୍ର ନାଥ କହଁର କହିଛନ୍ତି। ୭ ଦିନ ମଧ୍ୟରେ ରାସ୍ତା ନିର୍ମାଣ କାମ ଆରମ୍ଭ କରା ନ ଗଲେ ୧୫୭ ନଂ ଜାତୀୟ ରାଜପଥକୁ ଅବରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ